


ଭିନ୍ନ ଭିନ୍ନ ଶବ୍ଦ ଗଠନ କରିବାପାଇଁ 'ଧାତୁ' ର ପରେ ତ, ତି, ଅନ ଓ ତବ୍ୟ ପ୍ରଭୃତି ଯେଉଁସବୁ ପ୍ରତ୍ୟୟ ଯୋଗ କରାଯାଏ, ତାହାକୁ 'କୃତ୍' ପ୍ରତ୍ୟୟ କୁହାଯାଏ । ଯଥା-

ଭବନ = ଭୂ (ଧାତୁ)+ ଅନ (ପ୍ରତ୍ୟୟ)

କୃତ୍ ପ୍ରତ୍ୟୟ ନିଷ୍ପନ୍ନ ପଦକୁ 'କୃଦନ୍ତ' କୁହାଯାଏ । ଯଥା -

ନୀ + ଅକ= ନାୟକ

କ୍ରିୟାରେ ମୂଳ ରୂପକୁ 'ଧାତୁ' କୁହାଯାଏ । ଯଥା-

ଜୟ = 'ଜି' ଧାତୁ 'ଅ' ପ୍ରତ୍ୟୟ ।

## ସଂସ୍କୃତ କୃତ୍ ପ୍ରତ୍ୟୟ

ଅ- ଜି+ଅ=ଜୟ
ଭୀ+ଅ=ଭୟ
ପଠ୍+ଅ=ପାଠ
ହସ୍+ଅ= ହସ
ଖେଳ୍+ଅ=ଖେଳ
ତ୍ୟଜ୍+ଅ=ତ୍ୟାଗ

ଅକ- କୃତ+ଅକ=କାରକ
ଗୈ+ଅକ=ଗାୟକ
ନୃତ୍+ଅକ=ନର୍ତ୍ତକ
ଶାସ୍+ଅକ=ଶାସକ
ପଚ୍+ଅକ=ପାଚକ
ତୃ+ଅକ=ତାରକ
ନୀ+ଅକ=ନାୟକ

ଅନ- ନୃତ୍ +ଅନ୍=ନର୍ତ୍ତନ
ଯା+ଅନ=ଯାନ
ଗୈ+ଅନ=ଗାନ
ରୁଦ୍+ଅନ=ରୋଦନ
ସ୍ନାନ+ଅନ=ସ୍ନାନ
ଶୀ+ଅନ୍=ଶୟନ
କୃ+ଅନ=କରଣ
ଭୂ+ଅନ=ଭବନ

| | | |
|---|---|---|
| ଅନ- | ନୃତ୍ +ଅନ୍=ନର୍ତ୍ତନ | ସ୍ଥାନ+ଅନ=ସ୍ଥାନ |
| | ଯା+ଅନ=ଯାନ | ଶୀ+ଅନ୍=ଶୟନ |
| | ଗୈ+ଅନ=ଗାନ | କୃ+ଅନ=କରଣ |
| | ରୁଦ୍+ଅନ=ରୋଦନ | ଭୂ+ଅନ=ଭବନ |
| ଉକ- | ଭୂ+ଉକ=ଭାବୁକ | ନିନ୍ଦ୍ + ଉକ=ନିନ୍ଦୁକ |
| | ଜାଗୃ+ଉକ=ଜାଗରୂକ | |
| ଇନ୍- | ସ୍ଥା+ଇନ୍ =ସ୍ଥାୟୀ | |
| | ଅଧି-ବସ୍+ଇନ୍=ଆଧିବାସୀ | |
| | ସତ୍ୟ-ବଦ୍+ଇନ୍ = ସତ୍ୟବାଦୀ | |
| | ଅଧି-କୃ+ଇନ୍=ଅଧିକାରୀ | |
| ତ- | ଗମ୍+ତ=ଗତ | ଭୀ+ତ = ଭୀତ |
| | ଲିପ୍ +ତ = ଲିପ୍ତ | ପ୍ରୀ+ତ=ପ୍ରୀତ |
| | ସିଚ୍+ତ = ସିକ୍ତ | ଭୂ+ତ = ଭୂତ |
| | ହନ୍+ତ=ହତ | ଶମ୍ +ତ =ଶାନ୍ତ |
| ତି- | ସ୍ଥା+ତି=ସ୍ଥିତି | ଦୃଶ୍+ତି=ଦୃଷ୍ଟି |

| | | |
|---|---|---|
| | ଖ୍ୟା+ତି=ଖ୍ୟାତି | ମନ୍+ତି =ମତି |
| | ନୀ+ତି=ନୀତି | ମନ୍+ତି =ମତି |
| | ବୁଧ+ତି=ବୁଦ୍ଧି | ଭଜ୍+ତି =ଭକ୍ତି |
| **ତବ୍ୟ-** | ଦା+ତବ୍ୟ=ଦାତବ୍ୟ | କୃ+ତବ୍ୟ=କର୍ତ୍ତବ୍ୟ |
| | ଗମ୍+ତବ୍ୟ=ଗନ୍ତବ୍ୟ | ଶ୍ରୁ+ତବ୍ୟ=ଶ୍ରୋତବ୍ୟ |
| | ଦୃଶ୍+ତବ୍ୟ=ଦ୍ରଷ୍ଟବ୍ୟ | ଭୁଜ୍+ତବ୍ୟ=ଭୋକ୍ତବ୍ୟ |
| **ଅନୀୟ-** | ପା+ଅନୀୟ=ପାନୀୟ | ପୂଜ୍ +ଅନୀୟ=ପୂଜନୀୟ |
| | ପଠ୍+ଅନୀୟ=ପାଠନୀୟ | ଶ୍ରୁ+ଅନୀୟ=ଶ୍ରବଣୀୟ |
| | ସ୍ମୃ+ଅନୀୟ=ସ୍ମରଣୀୟ | ଦୃଶ୍+ଅନୀୟ = ଦର୍ଶନୀୟ |
| **ୟ-** | କୃ+ୟ=କାର୍ଯ୍ୟ/କୃତ୍ୟ | ହସ୍+ୟ=ହାସ୍ୟ |
| | ଦା+ୟ=ଦେୟ | ପଠ୍+ୟ=ପାଠ୍ୟ |
| | ର +ୟ = ଆର୍ଯ୍ୟ | ପା=ୟ=ପେୟ |
| | ସହ୍+ୟ=ସହ୍ୟ | ବିଦ୍+ୟ+ଆ=ବିଦ୍ୟା |
| | | (ସ୍ତ୍ରୀ- 'ଆ') |

ଶୀ+ୟ+ଆ = ଶଯ୍ୟା (ସ୍ତ୍ରୀଲିଙ୍ଗରେ 'ଆ')

| | | |
|---|---|---|
| **ତ୍ର-** | ନୀ+ତ୍ର=ନେତ୍ର | ପତ୍+ଆ=ପାତ୍ର |
| | ଗମ୍+ତ୍ର=ଗାତ୍ର | ଦା+ତ୍ର=ଦାତ୍ର |
| | ବସ୍+ତ୍ର=ବସ୍ତ୍ର | କ୍ଷି+ତ୍ର=କ୍ଷେତ୍ର |

ଛଦ୍ +ତ୍ର =ଛତ୍ର

ତୃ- ମା+ତୃ =ମାତୃ | ଦୁହ୍+ତୃ = ଦୁହିତୃ

ପା+ତୃ=ପିତୃ | ନୀ+ତୃ = ନେତୃ

ଉର- ଭନ୍ଜ+ଉର=ଭଙ୍ଗୁର | ମିଦ୍+ଉର = ମେଦୁର

ଇଷ୍ଣୁ- ସହ୍+ଇଷ୍ଣୁ = ସହିଷ୍ଣୁ | ବୃଧ+ଇଷ୍ଣୁ = ବର୍ଦ୍ଧିଷ୍ଣୁ

ର- ନମ୍+ର = ନମ୍ର | ରୁଦ୍ +ର = ରୁଦ୍ର

ହିନସ୍ +ର = ହିଂସ୍ର

## ଓଡିଆ କୃତ୍ ପ୍ରତ୍ୟୟ

ଆ- ଖେଳ୍ +ଆ = ଖେଳା | ଗଢ+ଆ=ଗଢା

ରାନ୍ଧ୍+ଆ=ରନ୍ଧା | ଚିହ୍ନ+ଆ = ଚିହ୍ନା

ଦୋଳ୍+ଆ=ଦୋଳା

ଅଣ- (ଅନ)-ମାର୍+ଅଣ=ମାରଣ

ମର୍+ଅଣ=ମରଣ | ହର୍+ଅଣ =ହରଣ

| | | |
|---|---|---|
| **ଅଣା-** | ଦେଖ୍ +ଅଣା=ଦେଖଣା | ମାର୍+ଅଣା=ମାରଣା |
| | ଘଟ୍+ଅଣା=ଘଟଣା | ମାଜ୍+ଅଣା=ମାଜଣା |
| | ବାଜ୍+ଅଣା=ବାଜଣା | |
| **ଅଣି-** | ଖୋଷ୍+ଅଣି=ଖୋଷଣି | ରହ୍+ଅଣି=ରହଣି |
| | ସହ୍+ଅଣି =ସହଣି | ଛନ୍ଦ୍+ଅଣି=ଛନ୍ଦଣି |
| **ଆଣି-** | ଉଠ୍+ଆଣି=ଉଠାଣି | ଭାସ୍+ଆଣି=ଭସାଣି |
| | ଚାହଁ+ଆଣି=ଚାହାଁଣି | |
| **ଆଣ-** | ଉଠ+ଆଣ = ଉଠାଣ | ଫେଡ+ଆଣ=ଫେଡାଣ |
| | ଗୁଣ୍+ଆଣ=ଗୁଣାଣ | ମିଶ୍+ଆଣ=ମିଶାଣ |
| | ବସ୍+ଆଣ=ବସାଣ | |
| **ଇ-** | ଚାଲ୍+ଇ=ଚାଲି | ରଡ+ଇ=ରଢ଼ି |
| | ବି-ଧା+ଇ=ବିଧି | ନି-ଧା+ଇ=ନିଧି |
| | ଉପ-ଆ-ଧା+ଇ=ଉପାଧି | ଜଳ-ଧା+ଇ=ଜଳଧି |
| **ଉଣି-** | ମାଗ୍+ଉଣି=ମାଗୁଣି | ଢାଙ୍କ୍+ଉଣି=ଢାଙ୍କୁଣି |
| | ମାପ୍+ଉଣି=ମାପୁଣି | ରାନ୍ଧ୍+ଉଣି=ରାନ୍ଧୁଣି |

| | | |
|---|---|---|
| **ଉଣା-** | ଗା+ଉଣା=ଗାଉଣା | ପା+ଉଣା=ପାଉଣା |
| **ଏଣି-** | ଜାଲ୍+ଏଣି=ଜାଳେଣି | ଭାଲ୍+ଏଣି=ଭାଲେଣି |
| | ବାଜ୍+ଏଣି=ବାଜେଣି | କାଟ୍+ଏଣି=କାଟେଣି |
| **ଉଆ-** | ପଢ୍+ଉଆ=ପଢୁଆ | ଲଢ୍+ଉଆ=ଲଢୁଆ |
| **ଉଆଳ/ଉଆଡ-** | | ରଖ୍+ଉଆଳ=ରଖୁଆଳ |
| | ଖେଳ୍+ଉଆଳ=ଖେଳୁଆଳ | |
| | ଜଗ+ଉଆଳ=ଜଗୁଆଳ | |
| **ଅନ୍ତା-** | ଫୁଟ୍+ଅନ୍ତା=ଫୁଟନ୍ତା | ଖେଳ୍ +ଅନ୍ତା=ଖେଳନ୍ତା |
| | ଚଲ୍+ଅନ୍ତା=ଚଳନ୍ତା | ଜୀ+ଅନ୍ତା=ଜୀଅନ୍ତା |
| | ଉଡ୍ +ଅନ୍ତା=ଉଡନ୍ତା | ବଢ +ଅନ୍ତା=ବଢନ୍ତା |
| | ଜଳ୍+ଅନ୍ତା= ଜଳନ୍ତା | |
| **ଅନ୍ତି-** | ଫଳ୍+ଅନ୍ତି=ଫଳନ୍ତି | ଚଲ୍+ଅନ୍ତି= ଚଳନ୍ତା |
| **ଆଳି-** | ଖେଳ୍+ଆଳି=ଖେଳାଣି | ଧର୍+ଆଳି=ଧରାଳି |
| | କାଟ୍ +ଆଳି=କଟାଳି | |
| **ଉଆଳି-** | ଭାଗ୍+ଉଆଳି = ଭାଗୁଆଳି | ଜଗ୍ +ଉଆଳ=ଜଗୁଆଳ |

## -: ଅନୁଶୀଳନୀ :-

**ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସାମ୍ଭାବ୍ୟ ଉତ୍ତର ଦିଆଯାଇଛି । ସେଗୁଡିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ ।**

୧. କୃତ୍ ପ୍ରତ୍ୟୟ ଯୋଗ ହେବାଦ୍ୱାରା ଯେଉଁ ନୂତନ ଶବ୍ଦଟି ଗଠିତ ହୁଏ, ତାକୁ କ'ଣ କହନ୍ତି ?

(କ) ତଦ୍ଧିତ (ଖ) ସମାସ
(ଗ) ସନ୍ଧି (ଘ) କୃଦନ୍ତ

୨. ନୂଆ ଶବ୍ଦ ଗଢିବା ପାଇଁ ଧାତୁ ସହିତ ଯେଉଁ ପ୍ରତ୍ୟୟ ଯୋଗ କରାଯାଏ ତାକୁ କ'ଣ କହନ୍ତି ?

(କ) କୃତ୍ (ଖ) ପ୍ରତ୍ୟୟ
(ଗ) ପୂର୍ବ ପ୍ରତ୍ୟୟ (ଘ) ଉପସର୍ଗ

୩. ଶାନ୍ତି - ଏହି ଶବ୍ଦରେ ଥିବା ଧାତୁଟି କିଏ ?

(କ) ଶାନ୍ (ଖ) ଶମ୍
(ଗ) ଶାନ୍ତ୍ (ଘ) ଶନ୍

୪. ସ୍ମରଣୀୟ- ଏଥିରେ ଥିବା ପ୍ରତ୍ୟୟଟି କିଏ ?

(କ) ଣୀୟ (ଖ) ଅନୀୟ
(ଗ) ଈୟ (ଘ) ଇୟ

୫. ଗୁଣୀ - ଏଥିରେ ଥିବା ପ୍ରତ୍ୟୟଟି କିଏ ?

(କ) ଈ (ଖ) ଣୀ
(ଗ) ଉଣୀ (ଘ) ଇନ୍

୬. ଯେ ପାଠକରେ – ଏକ ପଦରେ ପ୍ରକାଶ କଲେ କ'ଣ ହେବ ?

(କ) ପାଠୁଆ (ଖ) ପାଠୋଇ

(ଗ) ପାଠକ (ଘ) ପଠନୀୟ

୭. କେଉଁଟି କୃତ୍ ପ୍ରତ୍ୟୟାନ୍ତ ଶବ୍ଦ ନୁହେଁ ?

(କ) ପଠନ (ଖ) ଗତ

(ଗ) ଦାଶରଥି (ଘ) ଗନ୍ତବ୍ୟ

୮. ସଂସ୍କୃତ ଧାତୁରୁ ସୃଷ୍ଟ କୃଦନ୍ତ ପଦକୁ କ'ଣ କୁହାଯାଏ ?

(କ) ତତ୍ସମ କୃଦନ୍ତ ପଦ (ଖ) ତଦ୍ଭବ କୃଦନ୍ତ ପଦ

(ଗ) ଦେଶଜ କୃଦନ୍ତ ପଦ (ଘ) ବୈଦେଶିକ କୃଦନ୍ତପଦ

୯. 'ସ୍ଥା' ଧାତୁରେ କେଉଁ ପ୍ରତ୍ୟୟ ଯୋଗ କଲେ କୃଦନ୍ତ ପଦଟି 'ସ୍ଥାୟୀ ହେବ ?

(କ) ୟୀ (ଖ) ଈ

(ଗ) ଣିନ୍ (ଘ) ଯ

୧୦. 'ମୁକ୍ତି ପାଇବାର ଇଚ୍ଛା' – ଏହାକୁ ଏକ ପଦରେ ପ୍ରକାଶ କଲେ କ' ହେବ ?

(କ) ମୁମୂର୍ଷା (ଖ) ମୁମୁକ୍ଷା

(ଗ) ଜିଘାଂସା (ଘ) ମୋକ୍ଷ

୧୧. ----- + ନ = ପ୍ରଶ୍ନ -ଏଥିରେ ବ୍ୟବହୃତ ଧାତୁଟି କ'ଣ ?

(କ) ପ୍ରଶ୍ (ଖ) ପ୍ରଚ୍ଛ

(ଗ) ପୁଚ୍ଛ (ଘ) ପୃଚ୍ଛ

୧୨. 'ସିକ୍ତ' ଶବ୍ଦଟିରେ ଥିବା ଧାତୁଟି କ'ଣ ?

(କ) ସକ୍ (ଖ) ସିଚ୍

(ଗ) ସିର୍ (ଘ) ସିତ୍

୧୩. 'ହିଂସ୍ର' – ଏଠାରେ ବ୍ୟବହୃତ ଧାତୁଟି କ'ଣ ?

(କ) ହିଂସ୍ (ଖ) ହିନସ୍

(ଗ) ହିନ୍ (ଘ) ହିସ୍

୧୪. ସର୍ପ – ଏଠାରେ ଥିବା ଧାତୁଟି ଲେଖ ।

(କ) ସର୍ପ୍ (ଖ) ସୃପ୍

(ଗ) ସ୍ରୁପ୍ (ଘ) ସାର୍ପ୍

୧୫. ଭୂଷଣ – ଏଠାରେ ଥିବା ପ୍ରତ୍ୟୟଟି ଲେଖ ।

(କ) ଅଣ (ଖ) ଷଣ

(ଗ) ଣ (ଘ) ଅନ

୧୬. ---- + ଅକ = ସ୍ତାବକ । ଶୂନ୍ୟସ୍ଥାନ ପୂରଣ କର ।

(କ) ସ୍ତା (ଖ) ସ୍ତ

(ଗ) ସ୍ତୁ (ଘ) ସ୍ତାବ୍

୧୭. କୃଦନ୍ତ ଶବ୍ଦଟି ବାଛ ।

(କ) ବାଳକ (ଖ) କାରକ

(ଗ) ଦୈନିକ (ଘ) ମୌଳିକ

୧୮. 'ଇ' ପ୍ରତ୍ୟୟ ଯୁକ୍ତ ହୋଇଥିବା ଶବ୍ଦଟି ବାଛ ।

(କ) ମୁକ୍ତି (ଖ) ମତି

(ଗ) ଜଳଧି (ଘ) ବୁଦ୍ଧି

୧୮. 'ଇ' ପ୍ରତ୍ୟୟ ଯୁକ୍ତ ହୋଇଥିବା ଶବ୍ଦଟି ବାଛ ।
(କ) ମୁକ୍ତି (ଖ) ମତି
(ଗ) ଜଳଧି (ଘ) ବୁଦ୍ଧି

୧୯. ପକ୍ୱ - ଏଠାରେ ଥିବା ଧାତୁଟି ଲେଖ ।
(କ) ପକ୍ (ଖ) ପଚ୍
(ଗ) ପା (ଘ) ପାକ୍

୨୦. ମଧୁପାନ କରେ ଯେ - ଏକପଦରେ କ'ଣ ହେବ ?
(କ) ମହୁମାଛି (ଖ) ମଧୁପାକ
(ଗ) ମଧୁପାୟୀ (ଘ) ମଧୁପ

୨୧. ଯାହା କରିବା ଉଚିତ୍ - ଏକପଦରେ କ'ଣ ହେବ ?
(କ) କର୍ତ୍ତବ୍ୟ (ଖ) କର୍ମ
(ଗ) କାମ (ଘ) କରଣ

୨୨. ଶ୍ରବଣୀୟ-ଏଠାରେ ଥିବା ଧାତୁଟି ଲେଖ ।
(କ) ଶ୍ରୁ (ଖ) ଶୃ
(ଗ) ଶ୍ରୂ (ଘ) ଶ୍ରବ୍

୨୩. କେଉଁଟି 'ଇତ୍ର' ପ୍ରତ୍ୟୟ ଯୁକ୍ତ ଶବ୍ଦ ଅଟେ ?
(କ) ନେତ୍ର (ଖ) କ୍ଷେତ୍ର
(ଗ) ଚରିତ୍ର (ଘ) ସ୍ତୋତ୍ର

୨୪. ଶିଷ୍ୟ- ଧାତୁଟି ଲେଖ ।

(କ) ଶିଷ୍ (ଖ) ଶାସ୍
(ଗ) ଶିକ୍ଷ୍ (ଘ) ଶିଷ୍ୟ

୨୫. ଶୀ+ଯ+ଆ = ---- ।

(କ) ଶୟନ (ଖ) ଶାୟିତ
(ଗ) ଶଯ୍ୟା (ଘ) ଶାୟିକା

୨୬. କେଉଁଟି କୃଦନ୍ତ ଶବ୍ଦ ନୁହେଁ ବାଛି ଲେଖ ।

(କ) ପାତ୍ର (ଖ) ସ୍ତୋତ୍ର
(ଗ) ଚୈତ୍ର (ଘ) ବସ୍ତ୍ର

୨୭. ଆର୍ଯ୍ୟ - ଏଠାରେ ଥିବା ଧାତୁଟି ଦର୍ଶାଅ ।

(କ) ଆର୍ (ଖ) ଅର୍
(ଗ) ଋ (ଘ) ର

୨୮. ନି- ----- + ତୃ= ନିୟନ୍ତୀ -ଶୂନ୍ୟସ୍ଥାନ ପୂରଣ କର ।

(କ) ଯମ୍ (ଖ) ୟ
(ଗ) ଗମ୍ (ଘ) ଅମ୍

୨୯. ଯଜ୍ +ନ = ---- ।

(କ) ଯାଗ (ଖ) ଯୋଗ
(ଗ) ଯଜ୍ଞ (ଘ) ଯାଚ୍ଞା

୩୦. ହିଂସ୍ର-ଏଠାରେ ଥିବା ପ୍ରତ୍ୟୟଟି ଚିହ୍ନାଅ ।

(କ) ଭର (ଖ) ଅର

(ଗ) ର (ଘ) ଅର୍

୩୧. ମେଦୁର - ଧାତୁଟି ଲେଖ ।

(କ) ମେଦ୍ (ଖ) ମିଦ୍

(ଗ) ମଦ୍ (ଘ) ମାଦ୍

୩୨. ---- + ଆ = ରନ୍ଧା ।

(କ) ରାନ୍ଧ୍ (ଖ) ରିନ୍ଧ୍

(ଗ) ର (ଘ) ରନ୍ଧ

୩୩. ----- +ଆ = ଛଣା ।

(କ) ଛଣ୍ (ଖ) ଛାଣ୍

(ଗ) ଛଣ (ଘ) ଛ

୩୪. ଭସାଣି - ଏଠାରେ ଥିବା ଧାତୁଟି ଲେଖ ।

(କ) ଭସ୍ (ଖ) ଭାସ୍

(ଗ) ଭ+ଆସ୍ (ଘ) ଭସା

୩୫. କେଉଁଟି 'ଆଳି' ପତ୍ୟୟ ଯୁକ୍ତ କୃଦନ୍ତ ଶବ୍ଦ ନୁହେଁ ?

(କ) କଟାଳି (ଖ) ବିକାଳି

(ଗ) ପହଁରାଳି (ଘ) ବନ୍ଧାଳି

୩୬. କେଉଁଟି କୃଦନ୍ତ ଶବ୍ଦ ନୁହେଁ ।

(କ) କଟୁଆଳ (ଖ) ରଖୁଆଳ

(ଗ) ଖେଳୁଆଳ (ଘ) ଗଣ୍ଠିଆଳ

୩୭. ଯେ ଗାନ କରେ ତାକୁ କ'ଣ କୁହାଯାଏ ?

(କ) କବି (ଖ) ଗାୟକ

(ଗ) ସଂଗୀତ (ଘ) ସ୍ୱରସାଧକ

୩୮. ଯେ ଶୁଣେ, ତାକୁ କ'ଣ କୁହାଯାଏ ?

(କ) ଶ୍ରାବକ (ଖ) ଶ୍ରୋତା

(ଗ) ଶ୍ରାବୟିତା (ଘ) ଶ୍ରାବଣିକା

୩୯. କେଉଁ 'ଉଣି' ପ୍ରତ୍ୟୟଯୁକତ ଶବ୍ଦ ନୁହେଁ ?

(କ) ଡାକୁଣି (ଖ) ରାନ୍ଧୁଣି

(ଗ) ବାଜେଣି (ଘ) ମାପୁଣି

୪୦. 'ଏଣି' ପ୍ରତ୍ୟୟଯୁକ୍ତ ଶବ୍ଦଟିକୁ ବାଛ ।

(କ) ମାଗୁଣି (ଖ) ରାନ୍ଧୁଣି

(ଗ) ବାଜଣା (ଘ) କାଟେଣି

୪୧. କ୍ଷୁଦ୍ର- ପ୍ରକୃତି ପ୍ରତ୍ୟୟ କ'ଣ ହେବ ?

(କ) କ୍ଷୁ+ଦ୍ର (ଖ) କ୍ଷୁଦ୍ +ର

(ଗ) କ୍ଷୂଦ୍ + ର (ଘ) କ୍ଷୁ + ଦର

୪୨. ଜି - ସନ୍ + ଆ = ---- ।

(କ) ଜିଜ୍ଞାସା (ଖ) ଜିଗୀଷା

(ଗ) ଜିଗମିଷା (ଘ) ଜିଷାଂସା

୪୩. ତୃଷ୍ +ନ+ଆ = ---- ।

(କ) ତୃଷା (ଖ) ତୃଷିତ

(ଗ) ତୃଷ୍ଣା (ଘ) ତୃଷ୍ଣା

୪୪. ପିତା - ଶବ୍ଦ ପ୍ରକୃତି ଓ ପ୍ରତ୍ୟୟକୁ ବାଛି ଲେଖ ।

(କ) ପା+ତା (ଖ) ପି+ତୃ

(ଗ) ପା + ତୃ (ଘ) ପି+ତା

**ନିମ୍ନ ଶବ୍ଦଗୁଡିକର ପ୍ରକୃତି ପ୍ରତ୍ୟୟ ଚିହ୍ନାଅ ।**

୪୫. ସ୍ତୂପୀକୃତ

(କ) ସ୍ତୂପ+ଚ୍ୱି+କୃତ (ଖ) ସ୍ତୂପ+ଈ+କୃତ

(ଗ) ସ୍ତୂପ+ୀ+କୃତ (ଘ) ସ୍ତୂପ+କୃ+ତ

୪୬. 'ଶୁଷ୍କ'

(କ) ଶୁଷ୍ +ତ (ଖ) ଶୁଷ୍ +ଏକ

(ଗ) ଶୋଷ +କ (ଘ) ଶୋଷ୍ +ତ

୪୭. 'ଶାରୀରିକ'

(କ) ଶରୀର +ଇକ (ଖ) ଶରିର +ଇକ

(ଗ) ଶାରୀର +ଇକ (ଘ) ଶରିର +ଇକ

୪୮. 'ମାନସିକ'

(କ) ମାନସି+ଇକ (ଖ) ମନସ +ଇକ

(ଗ) ମନସ୍ +ଇକ (ଘ) ମାନସ୍ +ଇକ

୪୯. 'ପାର୍ବତୀୟ'

(କ) ପାର୍ବତୀ +ଇୟ (ଖ) ପାର୍ବତ+ଈୟ

(ଗ) ପର୍ବତ +ଈୟ (ଘ) ପାର୍ବତ +ଇୟ

୫୦. 'ଭାରତୀୟ'

(କ) ଭାରତ+ଇୟ (ଖ) ଭାରତୀ +ଇୟ

(ଗ) ଭାରତ +ଈୟ (ଘ) ଭରତ +ଈୟ

୫୧. 'ତ୍ୟାଗ'

(କ) ତ୍ୟଗ୍ +ଅ (ଖ) ତ୍ୟଜ୍ +ଅ

(ଗ) ତଜ୍ +ଅ (ଘ) ତ୍ୟେଜ୍ +ଅ

୫୨. 'ସର୍ବାଙ୍ଗୀନ'

(କ) ସର୍ବ +ଅଙ୍ଗ+ଈନ (ଖ) ସ୍ରବ +ଅଙ୍ଗ+ଇନ

(ଗ) ସର୍ବ+ଙ୍ଗ+ଈନ (ଘ) ସର୍ବ+ଆଙ୍ଗ+ଇନ

୫୩. 'କରଣୀୟ'

(କ) କର +ଅନୀୟ (ଖ) କୃ +ଅନୀୟ

(ଗ) କର + ଅନୀୟ (ଘ) କରଣ + ଈୟ

୫୪. 'ବୈଜ୍ଞାନିକ'

(କ) ବୀଜ୍ଞାନ +ଇକ (ଖ) ବିଜ୍ଞାନ +ଇକ

(ଗ) ବିଜ୍ଞାନ +ଈକ (ଘ) ବିଜ୍ଞ +ଆନ +ଇକ

୫୫. 'କର୍ତ୍ତବ୍ୟ'

(କ) କୃ +ତବ୍ୟ (ଖ) କୃୁ +ତବ୍ୟ

(ଗ) କୃତ + ତବ୍ୟ (ଘ) କୃତ୍ +ତବ୍ୟ

୫୬. 'ଦୁର୍ଲଙ୍ଘ୍ୟ'

(କ) ଦୁ +ଲଙ୍ଘ୍ୟ (ଖ) ଦୁଃ +ଲଙ୍ଘ୍ୟ

(ଗ) ଦୁଃ +ଲଂଘ୍ୟ (ଘ) ଦୁର୍ +ଲଂଘ୍ୟ

୫୭. ଦୈହିକ

(କ) ଦୈ +ହିକ (ଖ) ଦୈ +ଇକ

(ଗ) ଦେହ+ଇକ (ଘ) ଦେହ +ଐକ

୫୮. 'ଆଞ୍ଚଳିକ'

(କ) ଆଞ୍ଚଳ+ଇକ (ଖ) ଅଞ୍ଚଳ +ଇକ

(ଗ) ଆଞ୍ଚଳି+ଇକ (ଘ) ଅଞ୍ଚଳ+ଈକ

୫୯. 'ବିଦେଶୀ'

(କ) ବିଦେଶ +ଇ (ଖ) ବିଦେସ + ଈ

(ଗ) ବିଦେଷ +ଇ (ଘ) ବିଦେଶ + ଈ

୬୦. ଭସାଣ – ଏହାର ପ୍ରକୃତି ପ୍ରତ୍ୟୟ ହେଲା –

(କ) ଭାସ୍ + ଣ (ଖ) ଭସ୍ + ଆଣ

(ଗ) ଭାସ୍ +ଆଣ (ଘ) ଭାସ୍ + ଅନ

୬୧. 'ଦୃଷ୍ଟି'

(କ) ଦ୍ରୁ +ତି (ଖ) ଦୃଶ୍ +ତି

(ଗ) ଦୃଷ୍+ତି (ଘ) ଦ୍ରୁଶ୍ +ତି

୬୨. 'ଜ୍ଞାନୀ'

(କ) ଜ୍ଞାନ +ଇ (ଖ) ଜ୍ଞାନ + ଈ

(ଗ) ଜ୍ଞାନି +ଈ (ଘ) ଜ୍ଞା +ନ+ଇ

୬୩. 'ଦୃଶ୍ୟ'

(କ) ଦୃଶ୍ +ଯ (ଖ) ଦ୍ରୁସ୍ +ଅ

(ଗ) ଦୃଶ୍ୟ+ଅ (ଘ) ଦୃଶ୍ +ଇୟ

୬୪. କେଉଁଟି 'ଅନ' ପ୍ରତ୍ୟୟଯୁକ୍ତ ପଦ ନୁହେଁ ?

(କ) ମରଣ (ଖ) ସ୍ମରଣ

(ଗ) ଗ୍ରହଣ (ଘ) ଉଠାଣ

୬୫. 'ଅ' ପ୍ରତ୍ୟୟ ପଦଟି ବାଛି ଲେଖ ।

(କ) ମଧୁପ (ଖ) କାରକ

(ଗ) ପ୍ରଶ୍ନ (ଘ) ନମ୍ର

୬୬. କେଉଁ 'ଅକ' ପ୍ରତ୍ୟୟ ଯୁକ୍ତ ପଦ ଅଟେ ?

(କ) ମରଣ (ଖ) ଶାସନ

(ଗ) ଶାସକ (ଘ) ଆର୍ଯ୍ୟ

୬୭. କେଉଁଟି 'ଉକ' ପ୍ରତ୍ୟୟାନ୍ତ ପଦ ?

(କ) ପକ୍ୱ (ଖ) ଶାସକ

(ଗ) ଭାବୁକ (ଘ) ପେୟ

୬୮. କେଉଁ ଶବ୍ଦରେ 'ଧା' ଧାତୁ ନାହିଁ ?

(କ) ଜଳଧି (ଖ) ଜଳଦ

(ଗ) ବିଧି (ଘ) ନିଧି

୬୯. 'ସତ୍ୟବାଦୀ' - ଏହି ଶବ୍ଦରେ କେଉଁ ପ୍ରତ୍ୟୟ ଲାଗିଛି ?

(କ) ଇନ (ଖ) ଇନି

(ଗ) ଇ (ଘ) ଆନୀ

୭୦. କେଉଁଟି 'ତ' ପ୍ରତ୍ୟୟଯୁକ୍ତ ଶବ୍ଦ ନୁହେଁ ?

(କ) ଶୁଦ୍ଧ (ଖ) ପକ୍ୱ

(ଗ) ଶାନ୍ତ (ଘ) ମୁକ୍ତ

୭୧. କେଉଁ ଶବ୍ଦଟି ସମ ପର୍ଯ୍ୟାୟର ନୁହେଁ ?

(କ) ଉକ୍ତି (ଖ) ଶାନ୍ତି

(ଗ) ନିଧି (ଘ) ଦୃଷ୍ଟି

୭୨. 'ବହିତ୍ର' ଏହି ଶବ୍ଦରେ କେଉଁ ପ୍ରତ୍ୟୟ ଲାଗିଛି ?

(କ) ଆନୀୟ (ଖ) ଇତ୍ର

(ଗ) ତ୍ର (ଘ) ତୃ

୭୩. ଭିନ୍ନ ଶବ୍ଦଟିକୁ ଅଲଗା କର ।

(କ) ପେୟ (ଖ) ଦେୟ

(ଗ) କାର୍ଯ୍ୟ (ଘ) କ୍ଷେତ୍ର

୭୪. ନିମ୍ନଲିଖିତ ଶବ୍ଦ ମଧ୍ୟରୁ କାହାର ପ୍ରତ୍ୟୟ ଭିନ୍ନ ?

(କ) ନମ୍ର (ଖ) କ୍ଷୁଦ୍ର

(ଗ) ବସ୍ତ୍ର (ଘ) ରୁଦ୍ର

୭୫. କେଉଁ ଶବ୍ଦଟି 'ନ' ପ୍ରତ୍ୟୟାନ୍ତ ଶବ୍ଦ ?

(କ) ଅନ୍ନ (ଖ) ଧନୀ

(ଗ) ଯଜ୍ଞ (ଘ) ନର୍ତ୍ତନ

୭୬. କେଉଁଟି 'ଉର' ପ୍ରତ୍ୟୟାନ୍ତ ଶବ୍ଦ ନୁହେଁ ?

(କ) ମେଦୁର (ଖ) ବିଦୁର

(ଗ) ଭଙ୍ଗୁର (ଘ) କମ୍ର

୭୭. କେଉଁଟି 'ଅଣ' ପ୍ରତ୍ୟୟଯୁକ୍ତ ପଦ ଅଟେ ?

(କ) କାଟଣୀ (ଖ) ଗଢଣ

(ଗ) ଛାଦଣା (ଘ) ରହଣି

୭୮. କେଉଁଟି 'ଅଣା' ପ୍ରତ୍ୟୟଯୁକ୍ତ ପଦ ନୁହେଁ ?

(କ) ରାନ୍ଧଣା (ଖ) ପିଟଣା

(ଗ) ଚଳନ୍ତା (ଘ) କାନ୍ଦଣା

୭୯. ଭିନ୍ନ ପ୍ରତ୍ୟାୟାନ୍ତ ଶବ୍ଦଟିକୁ ଅଲଗା କର ।

(କ) ଖଟଣି (ଖ) ଲୋଟଣି

(ଗ) ଚଳଣି (ଘ) ଚଳନ୍ତା

୮୦. କେଉଁଟି 'ଅନ୍ତା' ପ୍ରତ୍ୟୟଯୁକ୍ତ ପଦ ଅଟେ ?

(କ) ଚଳନ୍ତି (ଖ) ଚଳନ୍ତା

(ଗ) ରାନ୍ଧଣା (ଘ) ଗଢଣ

୮୧. ଭିନ୍ନ ଶବ୍ଦଟି ଅଲଗା କର ।

(କ) ଖଟନ୍ତି (ଖ) ଫଳନ୍ତି

(ଗ) ଲୋଟଣି (ଘ) କହନ୍ତି

୮୨. 'ଆ' ପ୍ରତ୍ୟୟଯୁକ୍ତ ପଦଟିକୁ ଅଲଗା କର ।

(କ) ପଢୁଆ (ଖ) ଖେଳା

(ଗ) ଡରୁଆ (ଘ) ଲଢୁଆ

୮୩. କେଉଁଟି 'ଆଣି' ପ୍ରତ୍ୟୟାନ୍ତ ପଦ ନୁହେଁ ?

(କ) ଗଡାଣି (ଖ) ଶୁଣାଣି

(ଗ) ଉଠାଣି (ଘ) ମିଶାଣ

୮୪. 'ଇ' ପ୍ରତ୍ୟୟାନ୍ତ ଶବ୍ଦଟିକୁ ଅଲଗା କର ।

(କ) ବିକାଳି (ଖ) ଖେଳାଳି

(ଗ) ମେଳି (ଘ) କଟାଳି

୮୫. କେଉଁଟି 'ଉଆ' ପ୍ରତ୍ୟୟାନ୍ତ ଶବ୍ଦ ନୁହେଁ ?

(କ) ଲାହୁଆ (ଖ) ଘେରାଉ

(ଗ) ଲଢୁଆ (ଘ) ପଢୁଆ

୮୬. 'ଉଆଳ' ପ୍ରତ୍ୟାୟାନ୍ତ ଶବ୍ଦଟିକୁ ଅଲଗା କର ।

(କ) ଶୁଣାଣି (ଖ) ବନ୍ଧାଣି

(ଗ) ରଖୁଆଳ (ଘ) ଜଗୁଆଳି

୮୭. କେଉଁଟି 'ଉଆଳ' ପ୍ରତ୍ୟୟାନ୍ତ ଶବ୍ଦ ନୁହେଁ ?

(କ) ଜଗୁଆଳ (ଖ) ଜଗୁଆଳି

(ଗ) ରଖୁଆଳ (ଘ) ଖେଳୁଆଳ

୮୮. 'ଶ୍ରବଣ' - ଏହି ଶବ୍ଦରେ ଥିବା ଧାତୁଟି କ'ଣ ?

(କ) ଶ୍ରୁ (ଖ) ଶ୍ର

(ଗ) ଶୀ (ଘ) ଶମ୍

୮୯. ଭାଷାକୁ ଗତିଶୀଳ ଓ ଭାବ ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ କ'ଣ ଆବଶ୍ୟକ ହୋଇଥାଏ ?

(କ) ବାକ୍ୟ (ଖ) ଶବ୍ଦ

(ଗ) ପଦ (ଘ) କଥା

୯୦. 'ନର୍ତ୍ତକ' – ଏଥିରେ କେଉଁ ପ୍ରତ୍ୟୟ ଯୁକ୍ତ ହୋଇଅଛି ?

(କ) ଇକ (ଖ) କ

(ଗ) ଅକ (ଘ) ଏକ

୯୧. ଏମାନଙ୍କ ମଧ୍ୟରୁ କିଏ ଏକ କୃଦନ୍ତ ଶବ୍ଦ ଅଟେ ?

(କ) ଜୀବନ (ଖ) ଶଙ୍ଖାରି

(ଗ) ଭାରତ (ଘ) ପୌଷ

୯୨. 'ସ୍ତାବକ' – ଏହି ଶବ୍ଦରେ ଥିବା ଧାତୁଟି କ'ଣ ?

(କ) ସ୍ତା (ଖ) ସ୍ତ

(ଗ) ସ୍ତୁ (ଘ) ସ୍ତୁ

୯୩. ନିମ୍ନୋକ୍ତ ମଧ୍ୟରୁ କିଏ ଶବ୍ଦ ଦେଶଜ କୃଦନ୍ତ ଶବ୍ଦ ?

(କ) ଖସଡା (ଖ) ବୁଦ୍ଧି

(ଗ) ଦର୍ଶନ (ଘ) ପାଠ

୯୪. ସଂସ୍କୃତ ଭାଷାରୁ ଅବିକଳ ଗୃହୀତ ନ ହୋଇ ଧାତୁରୁ ସୃଷ୍ଟ ଶବ୍ଦକୁ କ'ଣ କୁହାଯାଏ ?

(କ) ତତ୍ସମ କୃଦନ୍ତ (ଖ) ତଦ୍ଭବ କୃଦନ୍ତ

(ଗ) ଦେଶଜ କୃଦନ୍ତ (ଘ) ବୈଦେଶିକ କୃଦନ୍ତ

୯୫. 'ତ୍ୟଜ୍' ଧାତୁରେ କେଉଁ ପ୍ରତ୍ୟୟ ଯୁକ୍ତ ହେଲେ 'ତ୍ୟାଗ' ହେବ ?

(କ) ଯ (ଖ) ଅ

(ଗ) ୟ (ଘ) ତ

୯୬. 'ଭୟ' – ଏହି ଶବ୍ଦରେ ଥିବା ମୂଳ ଧାତୁଟି କ'ଣ ?

(କ) ଭୋ (ଖ) ଭୁଜ୍

(ଗ) ଭୀ (ଘ) ଭୂ

୯୭. 'ଭୂ' ଧାତୁରେ କେଉଁ ପ୍ରତ୍ୟୟ ଯୋଗ କଲେ କୃଦନ୍ତ ପଦଟି 'ଭାବୀ' ହେବ ?

(କ) ଇ (ଖ) ଇନ୍

(ଗ) ତି (ଘ) ୟ

୯୮. ନିମ୍ନୋକ୍ତ ମଧ୍ୟରୁ କିଏ କୃଦନ୍ତ ପଦ ନୁହେଁ ?

(କ) ଫୁଟନ୍ତା (ଖ) ରାନ୍ଧଣା

(ଗ) କାନ୍ଦ (ଘ) ଚାକିରି

୯୯. ନିମ୍ନୋକ୍ତ ମଧ୍ୟରୁ କିଏ 'ଭଙ୍ଗୁର' ଶବ୍ଦରେ ବ୍ୟବହୃତ ଧାତୁ ଅଟେ ?

(କ) ଭୁଜ୍ (ଖ) ଭଜ୍

(ଗ) ଭନଜ୍ (ଘ) ଭୂ

୧୦୦. ନିମ୍ନୋକ୍ତ ମଧ୍ୟରୁ କେଉଁଥିଲେ 'ଅଣି' ପ୍ରତ୍ୟୟ ଯୁକ୍ତ ହୋଇ ଅଛି ?

(କ) ଚଳଣି (ଖ) ବିଞ୍ଚଣା

(ଗ) ମଶାଣି (ଘ) ଝୁଲଣ

୧୦୧. 'ରଖୁଆଳ' - ଏଥିରେ ବ୍ୟବହୃତ ପ୍ରତ୍ୟୟଟି କ'ଣ ?

(କ) ଆଳ (ଖ) ଉଆଳ

(ଗ) ଖୁଆଳ (ଘ) ଏଆଳ

୧୦୨. 'ପ୍ର-ବଚ୍+ତୃ' = କ'ଣ ?

(କ) ପ୍ରବକ୍ତା (ଖ) ପ୍ରବଳ

(ଗ) ପ୍ରବକ୍ତୃ (ଘ) ପ୍ରଚଣ୍ଡ

୧୦୩. 'ଗଦ୍ୟ' ଏଥିରେ କେଉଁ ପ୍ରତ୍ୟୟ ଯୁକ୍ତ ହୋଇ ଅଛି ?

(କ) ଦ (ଖ) ଯ

(ଗ) ୟ (ଘ) ଏୟ

୧୦୪. 'ଉପ-କୃ+ଇନ୍' = କ'ଣ ?

(କ) ଉପକାରୀ (ଖ) ଉପକାର

(ଗ) ଉପକୃତ (ଘ) ଉପକାରିଣୀ

୧୦୫.'ଶୁଧ୍' ଧାତୁରେ କେଉଁ ପ୍ରତ୍ୟୟ ଯୋଗ କଲେ 'ଶୁଦ୍ଧ' ହେବ ?

(କ) କ୍ତ (ଖ) ତ

(ଗ) ଅ (ଘ) ଯ

ବିଭିନ୍ନ ଅର୍ଥରେ ଶବ୍ଦ ସହିତ ଯେଉଁସବୁ ପ୍ରତ୍ୟୟ ଯୋଗ କରାଯାଇ ନୂନ ଶବ୍ଦ ଗଠନ କରାଯାଏ ସେହି ପ୍ରତ୍ୟୟଗୁଡିକୁ 'ତଦ୍ଧିତ' ପ୍ରତ୍ୟୟ କୁହାଯାଏ । ତଦ୍ଧିତ ନିଷ୍ପନ୍ନ ପଦକୁ 'ତଦ୍ଧିତାନ୍ତ ପଦ' କୁହାଯାଏ ।

## ସଂସ୍କୃତ ତଦ୍ଧିତ ପ୍ରତ୍ୟୟ

### 'ଅ' ପ୍ରତ୍ୟୟ

୧. ଭକ୍ତ/ଉପାସକ ଅର୍ଥରେ - ବିଷ୍ଣୁ +ଅ = ବୈଷ୍ଣବ
ଶିବ +ଅ = ଶୈବ
ଶକ୍ତି +ଅ = ଶାକ୍ତ
ବୁଦ୍ଧ + ଅ = ବୌଦ୍ଧ
ମହେଶ୍ୱର +ଅ = ମାହେଶ୍ୱର

୨. ଭାବାର୍ଥରେ - ସୁରଭି +ଅ = ସୌରଭ
ଗୁରୁ + ଅ = ଗୌରବ
ଚତୁର + ଅ(ସ୍ତ୍ରୀ -ଈ) = ଚାତୁରୀ
ମଧୁର + ଅ(ସ୍ତ୍ରୀ - ଈ) = ମାଧୁରୀ
ଲଘୁ + ଅ = ଲାଘବ
ଶିଶୁ + ଅ = ଶୈଶବ
ମୁନି + ଅ = ମୌନ
କୁଶଳ + ଅ = କୌଶଳ
ସୂଚୀ + ଅ = ସୌଚ

୩. ନିବାସ ବା ଜାତ ଅର୍ଥରେ - ମଗଧ + ଅ = ମାଗଧ
ଶରତ + ଅ = ଶାରଦ
ଅରଣ୍ୟ + ଅ = ଆରଣ୍ୟ
ବିଦେହ + ଅ(ସ୍ତ୍ରୀ-ଈ) = ବୈଦେହୀ
ଭୂମି + ଅ = ଭୌମ
ପୁର + ଅ = ପୌର

୪. ଅପତ୍ୟ ଅର୍ଥରେ - ମନୁ + ଅ = ମାନବ
ରଘୁ + ଅ = ରାଘବ
ପୃଥା + ଅ = ପାର୍ଥ
ବସୁଦେବ + ଅ = ବାସୁଦେବ
କୁରୁ + ଅ = କୌରବ
ପାଣ୍ଡୁ + ଅ = ପାଣ୍ଡବ

୫. ସଂଯୋଗ ଅର୍ଥରେ (କାଳ ବା ନକ୍ଷତ୍ର ବୁଝାଉଥିଲେ )
ବିଶାଖା + ଅ = ବୈଶାଖ
ଜ୍ୟେଷ୍ଠା + ଅ = ଜ୍ୟେଷ୍ଠ
ମୃଗଶିରା + ଅ = ମାର୍ଗଶିର

କୃତ୍ତିକା + ଅ = କାର୍ତ୍ତିକ
ଫାଲ୍‌ଗୁନି + ଅ = ଫାଲ୍‌ଗୁନ
ଚିତ୍ରା + ଅ = ଚୈତ୍ର
ଭଦ୍ରା + ଅ = ଭାଦ୍ର
ଶ୍ରବଣା + ଅ = ଶ୍ରାବଣ
ମଘା + ଅ = ମାଘ
ଅଶ୍ୱିନୀ + ଅ = ଆଶ୍ୱିନ

୬. ସମ୍ବନ୍ଧାର୍ଥରେ ନିଶା + ଅ = ନୈଶ
ପଶୁ + ଅ = ପାଶବ
ଭରତ + ଅ = ଭାରତ
ଅସୁର + ଅ = ଆସୁର
ସିନ୍ଧୁ + ଅ = ସୈନ୍ଧବ
ପୃଥିବୀ + ଅ = ପାର୍ଥିବ
ଜନ୍ତୁ + ଅ = ଜାନ୍ତବ

୭. ଜ୍ଞାନ ଓ ଅଧ୍ୟୟନ ଅର୍ଥରେ -
ବ୍ୟାକରଣ + ଅ = ବୈୟାକରଣ

୮. କୁଶଳ ଅର୍ଥରେ - ବିଦ୍ୟା + ଅ = ବୈଦ୍ୟ

୯. ସ୍ୱାର୍ଥରେ - ବନ୍ଧୁ + ଅ = ବାନ୍ଧବ
ଚୋର + ଅ = ଚୌର
ରକ୍ଷସ୍ + ଅ = ରାକ୍ଷସ
ମରୁତ + ଅ = ମାରୁତ

ପ୍ରଜ୍ଞା + ଅ = ପ୍ରାଜ୍ଞା

କୁତୁକ୍ + ଅ = କୌତୁକ

୧୦. 'ଯାହାଙ୍କ ଦ୍ୱାରା କୃତ' ଅର୍ଥରେ -

ପତଞ୍ଜଳି + ଅ = ପାତଞ୍ଜଳ

ବଶିଷ୍ଠ + ଅ = ବାଶିଷ୍ଠ

ଋଷି + ଅ = ଆର୍ଷ

ଦେବ + ଅ = ଦୈବ

## 'ଇକ' ପ୍ରତ୍ୟୟ

୧. ସମ୍ବନ୍ଧାର୍ଥରେ ପ୍ରଦେଶ +ଇକ =ପ୍ରାଦେଶିକ

ମୂଳ +ଇକ = ମୌଳିକ

ମନସ +ଇକ = ମାନସିକ

କାୟ +ଇକ = କାୟିକ

ବର୍ଷ +ଇକ = ବାର୍ଷିକ

ଦିନ +ଇକ = ଦୈନିକ

ସେହିପରି ଆଧାତ୍ମିକ, ବୈଷୟିକ, ସାଂସାରିକ, ସାମୁଦ୍ରିକ, ଆଣବିକ, ନାଗରିକ, ସାମୟିକ ଇତ୍ୟାଦି ।

୨.　ଜ୍ଞାନ ଆହରଣ ବା ଅଧ୍ୟୟନ ଅର୍ଥରେ -

ଇତିହାସ +ଇକ =ଐତିହାସିକ

ଭୂଗୋଳ +ଇକ = ଭୌଗୋଳିକ

ସାହିତ୍ୟ +ଇକ = ସାହିତ୍ୟିକ

ବିଜ୍ଞାନ +ଇକ =ବୈଜ୍ଞାନିକ

ବେଦ +ଇକ =ବୈଦିକ

ସେହିପରି ବୈଦାନ୍ତିକ,ପୌରାଣିକ, ତାର୍କିକ, ବୈଜ୍ଞାନିକ, ଧାର୍ମିକ, ଆଳଙ୍କାରିକ ଇତ୍ୟାଦି ।

୩.　ଜୀବିକା ଅର୍ଥରେ - ତିଳ +ଇକ =ତୈଳିକ

ତାମ୍ବୁଳ +ଇକ = ତାମ୍ବୁଳିକ

## 'କ' ପ୍ରତ୍ୟୟ

୧.　ସ୍ୱାର୍ଥରେ -　ବାଳ +କ = ବାଳକ

ଲୁବ୍ଧ +କ = ଲୁବ୍ଧକ

## 'ଯ' ପ୍ରତ୍ୟୟ

୧.　ଅପତ୍ୟାର୍ଥରେ -　ଗର୍ଗ + ଯ = ଗାର୍ଗ୍ୟ

ଦିତି + ଯ = ଦୈତ୍ୟ

ଆଦିତି + ଯ =ଆଦିତ୍ୟ

ଚଣକ + ଯ = ଚାଣକ୍ୟ

୨.　ଉକ୍ତ / ସମ୍ବନ୍ଧ ଅର୍ଥରେ - ଗଣପତି + ଯ = ଗାଣପତ୍ୟ

ଈଶାନ + ଯ = ଐଶାନ୍ୟ

ବାୟୁ + ଯ = ବାୟବ୍ୟ

୩. ଭାବାର୍ଥରେ / ଗୁଣଅର୍ଥରେ - ବାଳ + ଯ = ବାଲ୍ୟ

ସୁଜନ + ଯ = ସୌଜନ୍ୟ

ଅଳସ + ଯ = ଆଳସ୍ୟ

ସହିତ + ଯ = ସାହିତ୍ୟ

ସୁନ୍ଦର + ଯ = ସୌନ୍ଦର୍ଯ୍ୟ

କୃପଣ + ଯ = କାର୍ପଣ୍ୟ

ଚ ଳ + ଯ = ଚା ଲ୍ୟ

ଧୀର + ଯ = ଧୈର୍ଯ୍ୟ

୪. କର୍ମ ଅର୍ଥରେ - ଚୌର + ଯ = ଚୌର୍ଯ୍ୟ

ସଖା + ଯ = ସଖ୍ୟ

ପୁରୋହିତ + ଯ = ପୌରୋହିତ୍ୟ

ବଣିଜ + ଯ = ବାଣିଜ୍ୟ

୫. ସମ୍ବନ୍ଧାର୍ଥରେ - ତାଲୁ + ଯ = ତାଲବ୍ୟ

ଗୃହସ୍ଥ + ଯ = ଗାର୍ହସ୍ଥ୍ୟ

ଗୋ + ଯ = ଗବ୍ୟ

ଦନ୍ତ + ଯ = ଦନ୍ତ୍ୟ

୬. ଜାତ ଅର୍ଥରେ (ବାସ ଅର୍ଥରେ) ଗ୍ରାମ + ଯ = ଗ୍ରାମ୍ୟ

ବନ + ଯ = ବନ୍ୟ

ପାଶ୍ଚାତ୍ + ଯ = ପାଶ୍ଚାତ୍ୟ

ଦିବ୍ + ଯ = ଦିବ୍ୟ

ବହିଃ + ଯ = ବାହ୍ୟ

ଅନ୍ତ + ଯ = ଅନ୍ତ୍ୟ

୭. ନିମିତ୍ତ ଅର୍ଥରେ - ଅର୍ଘ + ଯ = ଅର୍ଘ୍ୟ

ପଦ + ଯ = ପାଦ୍ୟ

ଅତିଥି + ଯ = ଆତିଥ୍ୟ

୮. ଯୋଗ୍ୟ ଅର୍ଥରେ - ବଧ + ଯ = ବଧ୍ୟ

ଦଣ୍ଡ + ଯ = ଦଣ୍ଡ୍ୟ

୯. ସ୍ୱାର୍ଥରେ - ସେନା + ଯ = ସୈନ୍ୟ

ମର୍ତ୍ତ + ଯ = ମର୍ତ୍ତ୍ୟ

ନବ + ଯ = ନବ୍ୟ

ସେହିପରି :

ସଭା + ଯ = ସଭ୍ୟ

କରୁଣା + ଯ =ତ କାରୁଣ୍ୟ

ବାତ +ଯ = (ସ୍ତ୍ରୀ -ଆ) = ବାତ୍ୟା

ବନ +ଯ = (ସ୍ତ୍ରୀ -ଆ) = ବନ୍ୟା

ରାଜନ୍ +ଯ = ରାଜନ୍ୟ

## 'ଈୟ' ପ୍ରତ୍ୟୟ

୧. ସମ୍ବନ୍ଧ ଅର୍ଥରେ - ଜାତି + ଈୟ = ଜାତୀୟ
ଜଳ + ଈୟ = ଜଳୀୟ
ବିଦେଶ + ଈୟ = ବିଦେଶୀୟ
ଶରତ୍ + ଈୟ = ଶାରଦୀୟ
ଆତ୍ମା + ଈୟ = ଆତ୍ମୀୟ
ରାଜନ୍ + ଈୟ = ରାଜକୀୟ
ପର + ଈୟ = ପରକୀୟ
ସ୍ୱ + ଈୟ = ତସ୍ୱକୀୟ

୨. ଜାତ ଅର୍ଥରେ - ଉତ୍କଳ + ଈୟ = ଉତ୍କଳୀୟ
ଭାରତ + ଈୟ = ଭାରତୀୟ
ବଙ୍ଗ + ଈୟ = ବଙ୍ଗୀୟ
ଆମେରିକା + ଈୟ = ଆମେରିକୀୟ

## 'ଏୟ' ପ୍ରତ୍ୟୟ

୧. ଅପତ୍ୟ ଅର୍ଥରେ - କୃତ୍ତିକା +ଏୟ = କାର୍ତ୍ତିକେୟ
ଗଙ୍ଗା +ଏୟ = ଗାଙ୍ଗେୟ
କୁନ୍ତୀ +ଏୟ = କୌନ୍ତେୟ

ସେହିପରି ଅଗେୟ, ମୈତ୍ରେୟ, କୌଶେୟ, ଭାଗିନେୟ, ରାଧେୟ ଇତ୍ୟାଦି ।

## 'ମତ୍' ବା 'ବତ୍' ପ୍ରତ୍ୟୟ

୧. ଅଛି ଅର୍ଥରେ - ଧନ + ବତ୍ = ଧନବତ୍ / ଧନବାନ୍

ଶ୍ରଦ୍ଧା + ବତ୍ = ଶ୍ରଦ୍ଧାବାନ୍

ଦୟା + ବତ୍ = ଦୟାବାନ୍

ଶ୍ରୀ + ବତ୍ = ଶ୍ରୀମାନ୍

ହନୁ + ବତ୍ = ହନୁମାନ୍

୨. ତୁଲ୍ୟାର୍ଥରେ 'ବତ୍' ପ୍ରତ୍ୟୟ - ପିତୃ + ବତ୍ = ପିତୃବତ୍

ମାତୃ + ବତ୍ = ମାତୃବତ୍

ଗୃହ + ବତ୍ = ଗୃହବତ୍

'ବିନ୍' ପ୍ରତ୍ୟୟ (ଅଛି ଅର୍ଥରେ)

ମାୟା + ବିନ୍ = ମାୟାବୀ / ମାୟାବିନୀ

ମେଧା + ବିନ୍ = ମେଧାବୀ / ମେଧାବିନୀ

ଯଶସ୍ + ବିନ୍ = ଯଶସ୍ୱୀ / ଯଶସ୍ୱିନୀ

ତପସ୍ + ବିନ୍ = ତପସ୍ୱୀ / ତପସ୍ୱିନୀ

ତେଜସ୍ + ବିନ୍ = ତେଜସ୍ୱୀ / ତେଜସ୍ୱିନୀ

'ଶାଳିନ୍' ପ୍ରତ୍ୟୟ (ଅଛି ଅର୍ଥରେ) :

ଧନ +ଶାଳିନ୍ = ଧନଶାଳୀ ବଳ + ଶାଳିନ୍ = ବଳଶାଳୀ

ସେହିପରି ଶକ୍ତିଶାଳୀ, ଗୁଣଶାଳୀ, ଐଶ୍ୱର୍ଯ୍ୟଶାଳୀ ଇତ୍ୟାଦି ।

'ଳ' ପ୍ରତ୍ୟୟ (ଅଛି ଅର୍ଥରେ) :

ଶିରା + ଳ = ଶିରାଳ ମାଂସ + ଳ = ମାଂସଳ

ଅଶ୍ମ + ଳ = ଅଶ୍ମଳ ଶୁଶ୍ମ + ଳ = ଶୁଶ୍ମଳ

ବହୁ + ଳ = ବହୁଳ     ବତ୍ସ + ଳ = ବତ୍ସଳ

'ଆଳୁ' ପ୍ରତ୍ୟୟ (ଅଛି ଅର୍ଥରେ) :

ଦୟା + ଆଳୁ = ଦୟାଳୁ     କୃପା + ଆଳୁ = କୃପାଳୁ

'ର' ପ୍ରତ୍ୟୟ (ଅଛି ଅର୍ଥରେ) :

ମଧୁ + ର = ମଧୁର     ମୁଖ + ର = ମୁଖର

ପାଣ୍ଡୁ +ର = ପାଣ୍ଡୁର

'ଇନ୍' ପ୍ରତ୍ୟୟ ( ଅଛି ଅର୍ଥରେ) :

ଜ୍ଞାନ + ଇନ୍ = ଜ୍ଞାନୀ     ଗୁଣ + ଇନ୍ =ଗୁଣୀ

ବିବେକ + ଇନ୍ =ବିବେକୀ     ସାହସ + ଇନ୍ = ସାହସୀ

'ଇଳ' ପ୍ରତ୍ୟୟ (ଅଛି ଅର୍ଥରେ) :

ପଙ୍କ + ଇଳ = ପଙ୍କିଳ     ଫେନ + ଇଳ = ଫେନିଳ

ଜଟା + ଇଳ = ଜଟିଳ

'ତା' ପ୍ରତ୍ୟୟ (ଭାବ ଅର୍ଥରେ) :

ଲଘୁ + ତା = ଲଘୁତା     କାତର + ତା = କାତରତା

ଜଡ + ତା = ଜଡତା     ଦୃଢ + ତା = ଦୃଢତା

ଧୀର + ତା = ଧୀରତା     ସରଳ + ତା = ସରଳତା

ମଧୁର + ତା =ମଧୁରତା

'ତ୍ୱ' ପ୍ରତ୍ୟୟ (ଭାବ ଅର୍ଥରେ) :

ଗୁରୁ + ତ୍ୱ = ଗୁରୁତ୍ୱ  ପ୍ରଭୁ + ତ୍ୱ = ପ୍ରଭୁତ୍ୱ

ଲଘୁ + ତ୍ୱ = ଲଘୁତ୍ୱ  ଦାସ + ତ୍ୱ = ଦାସତ୍ୱ

ସେହିପରି ଖରତ୍ୱ, ଜଡତ୍ୱ, କଠିନତ୍ୱ ଇତ୍ୟାଦି ।

'ଇଷ୍ଠ' ପ୍ରତ୍ୟୟ (ଶ୍ରେଷ୍ଠ ଅର୍ଥରେ) :

ଅନେକ ମଧ୍ୟରେ ଏକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ 'ଇଷ୍ଠ' ପ୍ରତ୍ୟୟ ହୁଏ ।

ଗୁରୁ + ଇଷ୍ଠ = ଗରିଷ୍ଠ  ଲଘୁ + ଇଷ୍ଠ = ଲଘିଷ୍ଠ

ବଳ + ଇଷ୍ଠ = ବଳିଷ୍ଠ

'ଦା' ପ୍ରତ୍ୟୟ (କାଳ ଅର୍ଥରେ) :

ଏକ + ଦା = ଏକଦା  ସର୍ବ + ଦା = ସର୍ବଦା

ସଦ୍ + ଦା = ସଦା

'ଥା' ପ୍ରତ୍ୟୟ (ପ୍ରକାର ଅର୍ଥରେ) :

ସର୍ବ + ଥା = ସର୍ବଥା  ଯଦ୍ + ଥା = ଯଥା

ଅନ୍ୟ + ଥା = ଅନ୍ୟଥା

'ଧା' ପ୍ରତ୍ୟୟ (ପ୍ରକାର ଅର୍ଥରେ) :

ବହୁ + ଧା = ବହୁଧା  ଦ୍ୱି + ଧା = ଦ୍ୱିଧା

ଶତ + ଧା = ଶତଧା  ଚତୁର + ଧା = ଚତୁର୍ଦ୍ଧା

'ମୟ' ପ୍ରତ୍ୟୟ (ସ୍ୱାର୍ଥରେ) :

ସ୍ୱର୍ଣ୍ଣ + ମୟ = ସ୍ୱର୍ଣ୍ଣମୟ ଜଳ + ମୟ = ଜଳମୟ

ମୃତ୍ + ମୟ = ମୃଣ୍ମୟ ଚିତ୍ + ମୟ = ଚିନ୍ମୟ

ବାକ + ମୟ = ବାଙ୍ମୟ ପାପ + ମୟ = ପାପମୟ

ଗୋ + ମୟ = ଗୋମୟ

'ଈନ' ପ୍ରତ୍ୟୟ (ଜାତ ଅର୍ଥରେ) :

କୁଳ + ଈନ = କୁଳୀନ ନବ + ଈନ = ନବୀନ

'ଈନ' ପ୍ରତ୍ୟୟ (ସମ୍ବନ୍ଧ ଅର୍ଥରେ) :

ସର୍ବଜନ + ଈନ = ସାର୍ବଜନୀନ / ସର୍ବଜନୀନ

ସର୍ବାଙ୍ଗ + ଈନ = ସର୍ବାଙ୍ଗୀନ / ସର୍ବାଙ୍ଗୀଣ

ବିଶ୍ୱଜନ + ଈନ = ବିଶ୍ୱଜନୀନ

'ଇତ' ପ୍ରତ୍ୟୟ (ଜାତ ଅର୍ଥରେ) :

ଫଳ + ଇତ = ଫଳିତ ପୁଷ୍ପ + ଇତ =ପୁଷ୍ପିତ

ଲଜ୍ଜା + ଇତ = ଲଜ୍ଜିତ ବ୍ୟଥା + ଇତ =ବ୍ୟଥିତ

କଣ୍ଟକ + ଇତ = କଣ୍ଟକିତ ପଲ୍ଲବ + ଇତ =ପଲ୍ଲବିତ

'ତନ' ପ୍ରତ୍ୟୟ (ଜାତ ଅର୍ଥରେ) :

ପୂର୍ବ +ତନ = ପୂର୍ବତନ ଚିରଂ +ତନ = ଚିରନ୍ତନ

ପ୍ରାକ୍ +ତନ = ପ୍ରାକ୍ତନ ପୁରା +ତନ =ପୁରାତନ

ଅଧୁନା +ତନ =ଅଧୁନାତନ

'ଇମନ୍' ପ୍ରତ୍ୟୟ :

ଲଘୁ + ଇମନ୍ = ଲଘିମା   ମହତ୍ + ଇମନ୍ =ମହିମା

ଦୀର୍ଘ + ଇମନ୍ =ଦ୍ରାଘିମା   ନୀଳ + ଇମନ୍ =ନୀଳିମା

'ତୀୟ' ପ୍ରତ୍ୟୟ (ପୂରଣ ଅର୍ଥରେ) :

ଦ୍ୱି + ତୀୟ = ଦ୍ୱିତୀୟ   ତ୍ରି + ତୀୟ = ତୃତୀୟ

'ଥ' ପ୍ରତ୍ୟୟ (ପୂରଣ ଅର୍ଥରେ) :

ଚତୁଃ +ଥ = ଚତୁର୍ଥ   ଷଷ୍ +ଥ = ଷଷ୍ଠ

'ମ / ତମ' ପ୍ରତ୍ୟୟ (ପୂରଣ ଅର୍ଥରେ)

ପଞ୍ଚ + ମ = ପଞ୍ଚମ   ଆଦି + ମ = ଆଦିମ

ଅଷ୍ଟ + ମ = ଅଷ୍ଟମ   ମଧ୍ୟ + ମ = ମଧ୍ୟମ

ନବ + ମ = ନବମ   ଶତ + ମ = ଶତତମ

'ସାତ୍' ପ୍ରତ୍ୟୟ (ପରିଣତି ଅର୍ଥରେ) :

ଧୂଳି + ସାତ୍ = ଧୂଳିସାତ   ଭସ୍ମ + ସାତ୍ = ଭସ୍ମସାତ୍

'ସାତ୍' ପ୍ରତ୍ୟୟ (ଅପହରଣ ଅର୍ଥରେ) :

ଆତ୍ମ + ସାତ୍ = ଆତ୍ମସାତ

## ଓଡିଆ ତଦ୍ଧିତ ପ୍ରତ୍ୟୟ :

### 'ଆ' ପ୍ରତ୍ୟୟ

ସ୍ୱ ଅର୍ଥରେ :

ଗୋଳି +ଆ = ଗୋଳିଆ　　ନାଲି +ଆ =ନାଲିଆ

ସରୁ +ଆ ±ସରୁଆ

ଅଛି ଅର୍ଥରେ :

ଗଣ୍ଠି +ଆ =ଗଣ୍ଠିଆ　　କୁହୁଡି+ଆ =କୁହୁଡିଆ

ଦାଢି +ଆ =ଦାଢିଆ　　ଧୂଳି +ଆ =ଧୂଳିଆ

କର୍ମ ଅର୍ଥରେ :

ବେଠି +ଆ =ବେଠିଆ　　ମେଳି +ଆ =ମେଳିଆ

କ୍ଷୁଦ୍ର ଅର୍ଥରେ :

ଥାଳି +ଆ =ଥାଳିଆ

ଦକ୍ଷତା ଅର୍ଥରେ :

ମହୁରି +ଆ =ମହୁରିଆ　　କାହାଳି +ଆ =କାହାଳିଆ

ରଞ୍ଜିତ ଅର୍ଥରେ :

ଗେରୁ +ଆ =ଗେରୁଆ    ମାଟି +ଆ =ମାଟିଆ

ନାଲି +ଆ =ନାଲିଆ

ଅନାଦାର/ସମ୍ବୋଧନ ଅର୍ଥରେ :

ହରି +ଆ =ହରିଆ    ଗୋବିନ୍ଦ +ଆ =ଗୋବିନ୍ଦା

ରଘୁ +ଆ =ରଘୁଆ    ବଳି +ଆ =ବଳିଆ

## 'ଆଳ' ପ୍ରତ୍ୟୟ

ବୃତ୍ତି ଅର୍ଥରେ :

ଗାଈ + ଆଳ = ଗାଈଆଳ

ମଇଁଷି + ଆଳ = ମଇଁଷିଆଳ

ଅଛି ଅର୍ଥରେ :

ଗଣ୍ଠି + ଆଳ =ଗଣ୍ଠିଆଳ

## 'ଆଳି' ପ୍ରତ୍ୟୟ

ଜାତ ବା ଉତ୍ପତ୍ତି ଅର୍ଥରେ: ଚଇତ +ଆଳି = ଚଇତାଳି

ସମୂହ ଅର୍ଥରେ : ଦୀପ + ଆଳି = ଦୀପାଳି

## 'ଆରି' ପ୍ରତ୍ୟୟ

## 'ଆରି' ପ୍ରତ୍ୟୟ

ବ୍ୟବସାୟ ଅର୍ଥରେ

ଶଙ୍ଖ + ଆରି = ଶଙ୍ଖାରି  ସୁନା + ଆରି = ସୁନାରି

କଂସା + ଆରି= କଂସାରି

## 'ଇ' ପ୍ରତ୍ୟୟ

ବୃତ୍ତି ଅର୍ଥରେ : ମୁକ୍ତାର + ଇ = ମୁକ୍ତାରି  ଡାକ୍ତର + ଇ = ଡାକ୍ତରି

ଚାକର + ଇ = ଚାକିରି

ସେହିପରି ମାଷ୍ଟରି, ମୋହରିରି ଇତ୍ୟାଦି ।

'ସ୍ୱ ଅର୍ଥରେ : ଚଳଣ + ଇ = ଚଳଣି

ଜାତ ଅର୍ଥରେ : ଚଇତ + ଇ = ଚଇତି

କ୍ଷୁଦ୍ର ଅର୍ଥରେ: ଘଣ୍ଟ + ଇ = ଘଣ୍ଟି  ଘଟ + ଇ = ଘଟି

କାଠ + ଇ = କାଠି  ଚକ + ଇ = ଚକି

ଚାନ୍ଦ + ଇ = ଚାନ୍ଦି

ବ୍ୟବସାୟ ଅର୍ଥରେ :

ତେଲ + ଇ = ତେଲି  ମାଳ + ଇ = ମାଳୀ

'ଇଆ + ଇଆ = ଚାକିରିଆ / ଚାକରିଆ

ଜାତ ଅର୍ଥରେ : ପାହାଡ + ଇଆ = ପାହାଡିଆ

ସହର + ଇଆ = ସହରିଆ  ଦକ୍ଷିଣ + ଇଆ =ଦକ୍ଷିଣିଆ

ରଞ୍ଜିତ ଅର୍ଥରେ :

ହଦଳି + ଇଆ =ହଳଦିଆ  ରଙ୍ଗ + ଇଆ =ରଙ୍ଗିଆ

ବାଇଗଣ + ଇଆ =ବାଇଗଣିଆ

ପାଉଁଶ + ଇଆ =ପାଉଁଶିଆ

ସଦୃଶ ଅର୍ଥରେ :

ମଢ + ଇଆ =ମଢିଆ ଚାଉଳ + ଇଆ =ଚାଉଳିଆ

ସୋରିଷ + ଇଆ =ସୋରିଷିଆ

ସ୍ୱ ଅର୍ଥରେ :

ମଧୁର + ଇଆ =ମଧୁରିଆ କଅଁଳ + ଇଆ =କଅଁଳିଆ

ସୁଲୁସୁଲୁ + ଇଆ =ସୁଲୁସୁଲିଆ

କପାଳ + ଇଆ =କପାଳିଆ

ସଂଖ୍ୟା ବା ପରିମାଣ ଅର୍ଥରେ :

ଦୁଇଟଙ୍କା + ଇଆ =ଦୁଇ ଟଙ୍କିଆ

ଦଶକେଜି + ଇଆ =ଦଶକେଜିଆ

ପାଞ୍ଚହାତି + ଇଆ =ପାଞ୍ଚହାତିଆ ଇତ୍ୟାଦି ।

ଆତିଶଯ୍ୟ ଅର୍ଥରେ :

ମୁନ + ଇଆ =ମୁନିଆ ଲୁଣ + ଇଆ =ଲୁଣିଆ

ପାଣି + ଇଆ =ପାଣିଆ

'ବୃତ୍ତି' ଜୀବିକା ଅର୍ଥରେ :

ଢୋଲ + ଇଆ =ଢୋଲିଆ (ଯେ ଢୋଲ ବଜାଏ)

କୀର୍ତ୍ତନ + ଇଆ =କୀର୍ତ୍ତନିଆ

ତୁଳନା ଅର୍ଥରେ :

ମଲ୍ଲିଫୁଲ + ଇଆ =ମଲ୍ଲିଫୁଲିଆ

ବାଇଗଣ + ଇଆ =ବାଇଗଣିଆ

ତୁଳନା ଅର୍ଥରେ :

ମଲ୍ଲିଫୁଲ + ଇଆ =ମଲ୍ଲିଫୁଲିଆ

ବାଇଗଣ + ଇଆ =ବାଇଗଣିଆ

ତିଆରି ଅର୍ଥରେ :

ବାଉଁଶ + ଇଆ =ବାଉଁଶିଆ

'ଈ' ପ୍ରତ୍ୟୟ (ଜାତ ଅର୍ଥରେ)

ପରଦେଶ + ଈ = ପରଦେଶଈ

ସେହିପରି ସ୍ୱଦେଶୀ, ବିଦେଶୀ ଇତ୍ୟାଦି ।

'ଉଆ' ପତ୍ୟେୟ (ଅଛି ଅର୍ଥରେ)

ଦାଢ + ଉଆ = ଦାଢୁଆ    ପାଠ + ଉଆ = ପାଠୁଆ

ନିଶ + ଉଆ = ନିଶୁଆ    ରାଗ + ଉଆ = ରାଗୁଆ

ଜାତ ଅର୍ଥରେ :

ବଣ + ଉଆ = ବଣୁଆ

ବୃତ୍ତି ଅର୍ଥରେ :

ନାଟ + ଉଆ = ନାଟୁଆ    ହା + ଉଆ = ହାଟୁଆ

ସାପ + ଉଆ = ସାପୁଆ ଇତ୍ୟାଦି ।

ବାସ / ସମ୍ପର୍କ ଅର୍ଥରେ :

ଗାତ + ଉଆ = ଗାତୁଆ    ଘର + ଉଆ = ଘରୁଆ

ମନ + ଉଆ = ମନୁଆ

ଅଭ୍ୟାସ ଅର୍ଥରେ :

ଖଚ + ଉଆ = ଖଚୁଆ    ମିଛ + ଉଆ = ମିଛୁଆ

ମାଡ + ଉଆ = ମାଡୁଆ ଇତ୍ୟାଦି

ସଦୃଶ ଅର୍ଥରେ :

ବାଘ + ଉଆ = ବାଘୁଆ    କାଠ+ ଉଆ = କାଠୁଆ

ବର୍ଣ୍ଣସାମ୍ୟ ଅର୍ଥରେ :

ଶାଗ + ଉଆ = ଶାଗୁଆ

**'ଉରା' ପ୍ରତ୍ୟୟ**

ଅଛି ଅର୍ଥରେ : ଦାନ୍ତ + ଉରା = ଦାନ୍ତୁରା

ମନ୍ତ (ମନ୍ତ୍ର) + ଉରା = ମନ୍ତୁରା

**'କ' ପ୍ରତ୍ୟୟ**

ପୂରଣ ଅର୍ଥରେ

ଦଶ +କ = ଦଶକ    ଶତ + କ= ଶତକ

ସ୍ୱ ଅର୍ଥରେ :

ମେଳ + କ = ମେଳକ    ବାଳ + କ= ବାଳକ

**'ଟିଆ' ପ୍ରତ୍ୟୟ**

ସାଦୃଶ୍ୟ ଅର୍ଥରେ :

ପାଣି + ଟିଆ = ପାଣିଟିଆ  ମାଇ + ଟିଆ = ମାଇଟିଆ

ଲାଳ + ଟିଆ = ଲାଳଟିଆ ଇତ୍ୟାଦି ।

**'ଟା' ପ୍ରତ୍ୟୟ**

୮. ବୈୟାକରଣ ଶବ୍ଦଟି କିପରି ନିଷ୍ପନ୍ନ ହୋଇଛି ?

(କ) ବୈ + ୟାକରଣ (ଖ) ବୈୟା + କରଣ

(ଗ) ବୈୟାକ + ରଣ (ଘ) ବ୍ୟାକରଣ + ଅ

୯. କେଉଁଟି ଶୁଦ୍ଧ ଶବ୍ଦ ?

(କ) ଭୌଗଳିକ (ଖ) ଭୌଗୋଳିକ

(ଗ) ଭୌଗାଳିକ (ଘ) ଭୂଗୋଳିକ

୧୦. ନବୀନ ଶବ୍ଦରେ ଥବା ପ୍ରତ୍ୟୟଟି କ'ଣ ?

(କ) ଇନ (ଖ) ଈନ

(ଗ) ବୀନ (ଘ) ବିନ

୧୧. ଭଗିନୀ +ଏୟ = ଭାଗିନେୟ

ଏୟ ପ୍ରତ୍ୟୟ କେଉଁ ଅର୍ଥରେ ବ୍ୟବହୃତ ?

(କ) ଅପତ୍ୟ ଅର୍ଥରେ (ଖ) ସମ୍ବନ୍ଧ ଅର୍ଥରେ

(ଗ) ଜାତ ଅର୍ଥରେ (ଘ) ଅଧ୍ୟୟନ ଅର୍ଥରେ

୧୨. ଧନଶାଳୀ ଶବ୍ଦରେ ପ୍ରତ୍ୟୟର ନାମ କ'ଣ ?

(କ) ଶାଳୀ (ଖ) ଆଳି

(ଗ) ଆଳୀ (ଘ) ଶାଳିନ୍

୧୩. କେଉଁଟି ଠିକ୍ ?

(କ) ପୌରହିତ (ଖ) ପୌରୋହିତ

(ଗ) ପୌରୋହିତ୍ୟ (ଘ) ପୁରୋହିତ୍ୟ

୧୪. ଠିକ୍ ଶବ୍ଦଟି ବାଛ ।

(କ) ବୃହତମ (ଖ) ବୃହତ୍ତମ

(ଗ) ବୃହତ୍ତମ (ଘ) ବୃହତମ୍

୧୫. ଠିକ୍ ଶବ୍ଦଟି କିଏ ?

(କ) କ୍ଷୁଦ୍ରତମ (ଖ) କ୍ଷୁଦ୍ରତ୍ତମ

(ଗ) କ୍ଷୁଦ୍ରତ୍ମ (ଘ) ଖୁଦ୍ରତମ

୧୬. ଗାଈ + ଆଳ = ଆଈଆଳ - ଆଳ ପ୍ରତ୍ୟୟଟି କେଉଁ ଅର୍ଥରେ ହୋଇଛି ?

(କ) ଅଛି ଅର୍ଥରେ (ଖ) ବୃତ୍ତି ଅର୍ଥରେ

(ଗ) ସମୂହ ଅର୍ଥରେ (ଘ) ଜାତି ଅର୍ଥରେ

୧୭. ଘଣ୍ଟ + ଇ = ଘଣ୍ଟି - 'ଇ' ପ୍ରତ୍ୟୟଟି କେଉଁ ଅର୍ଥରେ କରା ହୋଇଛି ?

(କ) ବୃତ୍ତି ଅର୍ଥରେ (ଖ) ଜାତି ଅର୍ଥରେ

(ଗ) ଅଛି ଅର୍ଥରେ (ଘ) କ୍ଷୁଦ୍ର ଅର୍ଥରେ

୧୮. ମୂଳ +ଇଆ = ମୂଳିଆ - ଇଆ କେଉଁ ଅର୍ଥରେ ବ୍ୟବହୃତ ?

(କ) ବୃତ୍ତି ଅର୍ଥରେ (ଖ) ସାଦୃଶ୍ୟ ଅର୍ଥରେ

(ଗ) ଅତିଶୟ ଅର୍ଥରେ (ଘ) ପରିମାଣ ଅର୍ଥରେ

୧୯. ନିଶ + ଉଆ = ନିଶୁଆ । 'ଉଆ' ପ୍ରତ୍ୟୟ କେଉଁ ଅର୍ଥରେ କରା ହୋଇଛି ।

(କ) ତୁଲ୍ୟ ଅର୍ଥରେ (ଖ) ଅଭ୍ୟାସ ଅର୍ଥରେ
(ଗ) ଅଛି ଅର୍ଥରେ (ଘ) ଜାତ ଅର୍ଥରେ

୨୦. ପୁଷ୍ୟା ନକ୍ଷତ୍ର ଯୁକ୍ତ ମାସ – ଏକ ପଦରେ ପ୍ରକାଶ କଲେ କ'ଣ ହେବ ?

(କ) ପୁଷ୍ୟା (ଖ) ପୁଷ
(ଗ) ପୌଷ (ଘ) ପୁଷମାସ

୨୧. ଦଶରଥଙ୍କ ପୁତ୍ର – ଏକ ପଦରେ ପ୍ରକାଶ କଲେ କ'ଣ ହେବ ?

(କ) ଦାଶରଥୀ (ଖ) ଦାଶରଥି
(ଗ) ରାଘବ (ଘ) ରାମଚନ୍ଦ୍ର

୨୨. ସମୂହ ଅର୍ଥରେ 'ଆଳି' ପ୍ରତ୍ୟୟ କେଉଁଟି ?

(କ) ରନ୍ଧାଳି (ଖ) ଦୀପାଳି
(ଗ) ଖେଳାଳି (ଘ) ଚଇତାଳି

୨୩. ଅଭ୍ୟାସ ଅର୍ଥରେ ଉଆ ପତ୍ୟେୟ କେଉଁଟି ?

(କ) ମିଛୁଆ (ଖ) ବଳୁଆ
(ଗ) ନାଟୁଆ (ଘ) ଶାଗୁଆ

୨୪. ବୃତ୍ତି ଅର୍ଥରେ 'ଇ' ପ୍ରତ୍ୟୟ ଯୁକ୍ତ ଶବ୍ଦ କେଉଁଟି ?

(କ) ଘଣ୍ଟି (ଖ) ଚାକିରି
(ଗ) ଚଇତି (ଘ) ଗହଳି

୨୫. ଯୋଗ୍ୟ ଅର୍ଥରେ 'ଯ' ପ୍ରତ୍ୟୟଯୁକ୍ତ ଶବ୍ଦ କେଉଁଟି ?

(କ) ଅର୍ଘ୍ୟ (ଖ) ଚୌର୍ଯ୍ୟ

(ଗ) ବଧ୍ୟ (ଘ) ଆଳସ୍ୟ

୨୬. ସମ୍ବନ୍ଧ ଅର୍ଥରେ 'ଯ' ପ୍ରତ୍ୟୟ ଶବ୍ଦ କେଉଁଟି ?

(କ) ଐଶାନ୍ୟ (ଖ) ଗାଣପତ୍ୟ

(ଗ) ମାଧୁର୍ଯ୍ୟ (ଘ) ଗ୍ରାମ୍ୟ

୨୭. ଭିନ୍ନ ଭିନ୍ନ ଅର୍ଥରେ ଶବ୍ଦ ସହିତ ଯେଉଁସବୁ ପ୍ରତ୍ୟୟ ଯୋଗ କରାଯାଇ ନୂତନ ଶବ୍ଦ ଗଠନ କରାଯାଏ ତାକୁ କ'ଣ କହନ୍ତି ?

(କ) କୃଦନ୍ତ (ଖ) ତଦ୍ଧିତ

(ଗ) ଣିଜନ୍ତ (ଘ) ସନନ୍ତ

୨୮. ବାସୁଦେବ – କେଉଁ ଶବ୍ଦରେ ପ୍ରତ୍ୟୟ ଯୋଗ କରାଯାଇଛି ?

(କ) ବାସୁ (ଖ) ଦେବ

(ଗ) ବସୁଦେବ (ଘ) ବସ୍ତୁ

୨୯. ଓଡ଼ିଆ ଭାଷାରେ ବ୍ୟବହୃତ ତଦ୍ଧିତ ପ୍ରତ୍ୟୟଗୁଡ଼ିକଗୁ କେତେ ଭାଗରେ ବିଭକ୍ତ କରାଯାଏ ?

(କ) ୩ (ଖ) ୫

(ଗ) ୪ (ଘ) ୨

୩୦. ନିମ୍ନୋକ୍ତ ମଧ୍ୟରୁ କିଏ 'ସ୍ୱ' ଅର୍ଥରେ ବ୍ୟବହୃତ 'ଅ' ପ୍ରତ୍ୟୟର ଏକ ଉଦାହରଣ ?

(କ) ପାଶବ (ଖ) ଗୌରବ

(ଗ) ବାନ୍ଧବ (ଘ) ଶାରଦ

୩୧. ଅଛି ଅର୍ଥରେ 'ଇନ୍' ପ୍ରତ୍ୟୟର କିଏ ଏକ ଉଦାହରଣ ନୁହେଁ ?

(କ) ସଂଯମୀ (ଖ) ମେଧାବୀ

(ଗ) ଗୁଣୀ (ଘ) ଧନୀ

୩୨. ନିମ୍ନୋକ୍ତ ମଧ୍ୟରୁ କିଏ ଅନାଦର ଅର୍ଥରେ 'ଆ' ପ୍ରତ୍ୟୟର ଏକ ଉଦାହରଣ ଅଟେ ?

(କ) ଗଦା (ଖ) ହରିଆ

(ଗ) କୋଠିଆ (ଘ) ବେଠିଆ

୩୩. 'ଚଇତ ମାସରେ ଜାତ' - ଏକ ପଦରେ କ'ଣ ହେବ ?

(କ) ଚିତା (ଖ) ଚଇତାଳି

(ଗ) ଚୈତ୍ର (ଘ) ଚିତ୍ର

୩୪. 'ଦୈତ୍ୟ' - ଏଠାରେ 'ଯ' ପ୍ରତ୍ୟୟ କେଉଁ ଅର୍ଥରେ ବ୍ୟବହୃତ ?

(କ) ଅପତ୍ୟ (ଖ) ଅଛି

(ଗ) ସମ୍ବନ୍ଧ (ଘ) ଜାତ

୩୫. ତଦ୍ଧିତ ପ୍ରତ୍ୟୟଦ୍ୱାରା ଗଠିତ ଶବ୍ଦକୁ କି ଶବ୍ଦ କୁହାଯାଏ ?

(କ) ସନ୍ନନ୍ତ (ଖ) ବ୍ୟୁତ୍ପନ୍ନ

(ଗ) ସମାସାନ୍ତ (ଘ) ତଦ୍ଧିତାନ୍ତ

୩୬. ତଦ୍ଧିତାନ୍ତ ପଦଟିକୁ ବାଛ ।

(କ) ସର୍ପ (ଖ) ସଂସାର

(ଗ) କୁମ୍ଭକାର (ଘ) ସୌର

୩୭. କେଉଁଟି ତଦ୍ଧିତାନ୍ତ ପଦ ନୁହେଁ ।

(କ) ଦୈନିକ (ଖ) ତୈଳିକ

(ଗ) ମୌଳିକ (ଘ) ଶାସକ

୩୮. ଅପତ୍ୟ ଅର୍ଥରେ 'ଅ' ପ୍ରତ୍ୟୟ ହୋଇଥିବା ଶବ୍ଦଟିକୁ ବାଛ ।

(କ) ବାସୁଦେବ (ଖ) ଶାନ୍ତ

(ଗ) ଲାଘବ (ଘ) ମାଘ

୩୯. 'ବୈଷ୍ଣବ' - ଏଠାରେ କେଉଁ ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?

(କ) ଭାବାର୍ଥରେ 'ଅ' (ଖ) ଭକ୍ତ ଅର୍ଥରେ 'ଅ'

(ଗ) ସମ୍ବନ୍ଧାର୍ଥରେ 'ଅ' (ଘ) ସଂଯୋଗାର୍ଥରେ 'ଅ'

୪୦. ପୌଷ- ଏଠାରେ ଥିବା ମୂଳ ଶବ୍ଦଗୁଡିକ ଲେଖ ।

(କ) ପୁଷ (ଖ) ପୂଷ

(ଗ) ପୁଷ୍ୟ (ଘ) ପୁଷ୍ୟା